*Reflections on :*

# MAHATMA GANDHI NATIONAL RURAL EMPLOYMENT GUARANTEE SCHEME (MNREGS)

## ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

*ଏକ ସଂକ୍ଷିପ୍ତ ସୂଚନାତ୍ମକ ପୁସ୍ତିକା*



VILLAGE RESOURCE CENTRE (VRC)
M. S. SWAMINATHAN RESEARCH FOUNDATION
JEYPORE, KORAPUT(ODISHA)

MSSRF/10/47

*Reflections on-*

# MAHATMA GANDHI NATIONAL RURAL EMPLOYMENT GUARANTEE SCHEME (MNREGS)

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

## ଏକ ସଂକ୍ଷିପ୍ତ ସୂଚନାତ୍ମକ ପୁସ୍ତିକା

**OCTOBER - 2010**

**Supported by:**

Jamsetji Tata National Virtual Academy (NVA)

**M S Swaminathan Research Foundation**

VILLAGE RESOURCE CENTRE (VRC) ,JEYPORE

# ଏହି ପୁସ୍ତିକା ସଂପର୍କରେ ପଦେ :

ଆମ ଗାଁ ଗହଳିର ଲୋକମାନଙ୍କୁ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଇବା ଆମର ଲକ୍ଷ୍ୟ । ସତରେ କହିବାକୁ ଗଲେ ଆମ ଗାଁ ଗହଳିରେ ବସବାସ କରୁଥିବା ଲୋକମାନେ ବିଶେଷକରି ଆଦିବାସୀବହୁଳ କୋରାପୁଟ ଜିଲ୍ଲାର ଏହି ଅଗମ୍ୟ ଅଞ୍ଚଳର ଅଧିବାସୀମାନେ ଆମ ଦେଶର ସମ୍ବିଧାନ ଓ ସେଥିରେ ପ୍ରଣୟନ କରାଯାଇଥିବା ନୀତି, ସୁବିଧା ସୁଯୋଗ ତଥା ଅଧିକାର ବିଷୟରେ କିଛି ବି ଜାଣିପାରନ୍ତି ନାହିଁ ।

ସେହିପରି ଏକ ଗ୍ରାମାଞ୍ଚଳର ପ୍ରଗତିଭିତ୍ତିକ ଯୋଜନା ହେଉଛି **"ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା"**। ଏହି ଯୋଜନା ସମ୍ବଳିତ ଅଧିନିୟମଟି ଭାରତ ସରକାର ୨୦୦୫ ମସିହାରେ ପ୍ରଣୟନ କରିଥିଲେ ଏବଂ ଏହା ୨ ଫେବୃୟାରୀ ୨୦୦୬ ମସିହାଠାରୁ କାର୍ଯ୍ୟକାରୀ ହୋଇଆସୁଅଛି । ସରକାରଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ।

ଏହି ଯୋଜନା ଅନୁସାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାରଗୁଡ଼ିକୁ ପ୍ରତି ଆର୍ଥିକ ବର୍ଷରେ ଅନ୍ତତଃ ଶହେ ଦିନର ନିଶ୍ଚିତ କର୍ମ ସଂସ୍ଥାନ ଯୋଗାଇଦେଇ ସେମାନଙ୍କ ଜୀବନ ଜୀବିକାର ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଘଟାଇବା । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଶ୍ରମଭିତ୍ତିକ ଅଟେ । ଏହି ଯୋଜନାର ଆଇନଗତ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏହାର ବ୍ୟାପକ ପ୍ରଚାର ଓ ପ୍ରସାରର ଯଥେଷ୍ଟ ଗୁରୁତ୍ୱ ଓ ଆବଶ୍ୟକତା ରହିଛି । ଏହି ଯୋଜନାଧୀନ କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରାଇବା, ପ୍ରଶାସନର ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱକୁ ସୁନିଶ୍ଚିତ କରାଇବା ସହ ହିତାଧିକାରୀଙ୍କ ମୌଳିକ ଅଧିକାର ହାସଲ ଦିଗରେ ଏହି ସହାୟକ ପୁସ୍ତିକାଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଶା ଓ ବିଶ୍ୱାସ ।

**ପ୍ରଶାନ୍ତ କୁମାର ପରିଡ଼ା**

ବୈଜ୍ଞାନିକ, ଗ୍ରାମ୍ୟ ସମ୍ବଳକେନ୍ଦ୍ର

ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ହେଉଛି ଏକ ଯୋଜନା ଯାହା ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଆସୁଅଛି । ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳରେ ବସବାସକରୁଥିବା ବେକାର ଯୁବକ ଓ ଯୁବତୀ ମାନଙ୍କୁ ବର୍ଷକରେ ୧୦୦ଦିନର କାମ ଯୋଗାଇଦେବା ତଥା ସେମାନଙ୍କ ଜୀବନ ଜୀବିକାକୁ ଉନ୍ନତ କରିବା । ଏହି ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୫ ମସିହାରୁ ପ୍ରଣୟନ କରାଯାଇଛି ଏବଂ ଓଡ଼ିଶାରେ ଏହା ତା.୦୨.୦୨.୨୦୦୬ରିଖ ଠାରୁ କାର୍ଯ୍ୟକାରୀ ହୋଇଆସୁଅଛି ।

## ଏନ୍.ଆର୍.ଇ.ଜି.ଏସ୍ ପ୍ରଣୟନର ଲକ୍ଷ୍ୟ :

୧. ଏହି ଆଇନ୍ ଅନୁସାରେ ଗୋଟିଏ ଜବ୍ କାର୍ଡଧାରୀ ପରିବାରକୁ ଏକ ଆର୍ଥିକ ବର୍ଷରେ ୧୦୦ଦିନର କାମ ଯୋଗାଇ ଦିଆଯାଇ ପାରିବ ଏବଂ ଏହି କାର୍ଯ୍ୟକୁ ସେ ଏକୁଟିଆ କିମ୍ବା ପରିବାରର ପଞ୍ଜିକୃତ ସଦସ୍ୟମାନଙ୍କୁ ନେଇ କାମ କରିପାରିବେ ।

୨. ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ।

୩. ଗ୍ରାମାଞ୍ଚଳରୁ ଅନ୍ୟ ଜିଲ୍ଲା ବା ରାଜ୍ୟକୁ କାମ ସନ୍ଧାନରେ ଯାଉଥିବା ଶ୍ରମିକମାନଙ୍କୁ ରୋକିବା ।

୪. ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ।

## ଗ୍ରାମୀଣ ପରିବାରକୁ କର୍ମନିଯୁକ୍ତି ପ୍ରଦାନରେ ସୁନିଶ୍ଚିତତା :

୧) ଅନ୍ୟ କୌଣସି ସମସ୍ୟା ନଥିଲେ, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ମୁତାବକ ପ୍ରତ୍ୟେକ ପରିବାରର ଶାରୀରିକ ଶ୍ରମ କରିବା ପାଇଁ ଇଚ୍ଛୁକ ବୟସ୍କ ଅଣକୁଶଳୀ ଲୋକମାନଙ୍କୁ ଏକ ଆର୍ଥିକ ବର୍ଷରେ ଅତିକମ୍‌ରେ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଦେବେ ।

୨) ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଯୋଜନାମୁତାବକ କାମ କରିବେ ସେ ପ୍ରଚଳିତ ମଜୁରୀ ହାରରେ ପ୍ରତ୍ୟେକ ଦିନର ମଜୁରୀ ପାଇବାକୁ ହକ୍‌ଦାର ହେବେ ।

୩) ଏହି ଯୋଜନାରେ କାମ କରିବା ଲୋକମାନଙ୍କୁ ସେମାନଙ୍କ ମଜୁରୀ ସପ୍ତାହକୁ ଥରେ ପ୍ରଦାନ କରାଯିବ । ତେବେ କୌଣସି ପରିସ୍ଥିତିରେ ଏହା ପନ୍ଦର ଦିନରୁ ଅଧିକ ବିଳମ୍ବ ହେବନାହିଁ ।

୪) ଜଣେ ଲୋକ ଶହେ ଦିନର କାମ ପାଇବା ପରେ ତାଙ୍କୁ କାମ ଦିଆଯିବା ବନ୍ଦ କରିଦିଆଯିବ ନାହିଁ । କେନ୍ଦ୍ର ବା ରାଜ୍ୟ ସରକାର ତାଙ୍କ ସାମର୍ଥ୍ୟ ଅନୁଯାୟୀ ୧୦୦ ଦିନର କାମ ପରେ ମଧ୍ୟ କୌଣସି ଯୋଜନାରେ ଗୋଟିଏ ପରିବାରକୁ ଆଇନର ଉପଧାରା ୧ ଅନୁଯାୟୀ କାମ ଚାଲୁଥିବା ପର୍ଯ୍ୟନ୍ତ ଯେତେଦିନ ସମ୍ଭବ କାମ ଦେଇ ପାରିବେ ।

## ଏନ୍.ଆର୍.ଇ.ଜି.ଏସ୍ ଯୋଜନା କିପରି କାର୍ଯ୍ୟକାରୀ କରାଯାଏ ?

ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ବିଭାଗୀୟ ଅଧିକାରୀଙ୍କଦ୍ୱାରା ଏନ୍.ଆର୍.ଇ.ଜି.ଏସ୍ କାମ କରାଯାଏ । ଏହି କାମ ଗ୍ରାମ ପଞ୍ଚାୟତଦ୍ୱାରା ପ୍ରସ୍ତୁତ ହୋଇଥିବା ପାଞ୍ଚବର୍ଷିଆ ପ୍ରକଳ୍ପରୁ ବଛା ଯାଇ କାର୍ଯ୍ୟ କରାଯାଏ । ମୋଟ ପ୍ରକଳ୍ପର ୫୦ ଭାଗ ମୂଲ୍ୟର କାର୍ଯ୍ୟ ଗ୍ରାମ ପଞ୍ଚାୟତଦ୍ୱାରା କରାଯାଏ ଓ ଅବଶିଷ୍ଟ ୫୦ ଭାଗ ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ ।

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ୍

## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ମୁଖ୍ୟ ଉପାଦାନ ଗୁଡ଼ିକ କଣ ?

୧) ଏହି ଆଇନ୍ ଗ୍ରାମାଞ୍ଚଳର ଲୋକମାନଙ୍କୁ କ୍ଷୁଧା ଓ ଦାରିଦ୍ର୍ୟରୁ ରକ୍ଷା କରିବ ।

୨) ଏହା ଗାଁରୁ ସହରକୁ କାମ ପାଇଁ ଯାଉଥିବା ଲୋକସଂଖ୍ୟା ହାରକୁ କମାଇବ । କାରଣ ଯେତେବେଳେ ଗାଁରେ କାମ ମିଳିବ ବନ୍ଧୁ ପରିବାର ଭିଟାମାଟି ଛାଡ଼ି ସହରକୁ ପେଟ ପୋଷିବା ପାଇଁ ଯିବେ ନାହିଁ ।

୩) ଏହି ଆଇନ୍ ଗ୍ରାମାଞ୍ଚଳରେ ଉପଯୋଗୀ ଦୀର୍ଘସ୍ଥାୟୀ ଉତ୍ପାଦନକ୍ଷମ ଗୋଷ୍ଠୀ ସମ୍ପତ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିବ ।

୪) ନିଶ୍ଚିତ କର୍ମ ନିଯୁକ୍ତି ଯୋଗୁଁ ମହିଳାମାନେ ସଶକ୍ତିକରଣ ଦିଗରେ ବିଶେଷ ସହାୟକ ହେବେ । ପୂର୍ବ ଅଭିଜ୍ଞତାରୁ ଜଣାପଡିଛି ଯେ ଏହି ଆଇନ୍ ଅନ୍ତର୍ଗତ ମଜୁରୀଆଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ । ନିଶ୍ଚିତ କର୍ମ ନିଯୁକ୍ତି ମାଧ୍ୟମରେ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବି କରାଇବା ।

୫) ନିଶ୍ଚିତ କର୍ମନିଯୁକ୍ତି ଯୋଗୁଁ ଗ୍ରାମାଞ୍ଚଳରେ କିଛି କ୍ଷମତା ବିକେନ୍ଦ୍ରିକରଣ ହେବା ସହ ଅଧିକ ସାମାଜିକ ଏକତା ସୃଷ୍ଟି ହେବ ।

୬) ଶେଷରେ ସବୁଠାରୁ ବଡକଥା ହେଲା ଏହି ଆଇନ୍ ମାଧ୍ୟମରେ ଅଣ ସଙ୍ଗଠିତ ଶ୍ରମିକମାନେ ନିଜର ଦର ମୁଲାଇବା ସାମର୍ଥ୍ୟକୁ ଦୃଢ଼ିଭୂତ କରିପାରିବେ, ଯାହା ଫଳରେ କି ସେମାନେ ନିମ୍ନତମ ମଜୁରୀ ଓ ସାମାଜିକ ସୁରକ୍ଷାପାଇଁ ହକ୍‌ଦାର ହୋଇପାରିବେ ।

## କର୍ମନିଯୁକ୍ତି ପାଇବା ପାଇଁ କଣ କରିବେ ?

୧) ପଞ୍ଜିକରଣ ନିମନ୍ତେ ଦରଖାସ୍ତ ଫର୍ମରେ ସମ୍ପୂର୍ଣ୍ଣ ପାରିବାରିକ ତଥ୍ୟ ପ୍ରଦାନକରି ପଞ୍ଚାୟତରେ ପରିବାର ପଞ୍ଜିକୃତ କରି କୁଲି କାର୍ଡ (Job Card ) ପାଇବା ପାଇଁ ଆବେଦନ କରନ୍ତୁ ।

୨) ଅଣକୁଶଳୀ କର୍ମ ନିଯୁକ୍ତି ନିମନ୍ତେ ଦରଖାସ୍ତ ଫର୍ମରେ ପରିବାରର ସାବାଳକ କାମକରୁଥିବା ଇଚ୍ଛୁକ ବ୍ୟକ୍ତିମାନଙ୍କ ନାମ ଲେଖି ଅତିକମ୍‌ରେ ୧୪ଦିନ ନିୟମିତ କାମ କରିବାକୁ ଇଚ୍ଛା ପ୍ରକାଶ କରିଥିବା ଦରକାର ।

## କାହାକୁ ଓ କିପରି ଆବେଦନ କରିବେ ?

- ଯଦି ଆପଣ ଏହି ଯୋଜନାରେ କାମ ପାଇବାକୁ ଚାହୁଁଛନ୍ତି ତେବେ ପ୍ରଥମେ ଗ୍ରାମ ପଞ୍ଚାୟତରେ ନାମ ପଞ୍ଜିକରଣ କରିବା ଉଚିତ ।
- ନାମ ପଞ୍ଜିକରଣ କରିବାର ଏକ ମାସ ମଧ୍ୟରେ "ଜବ୍ କାର୍ଡ" (Job Card) ପାଇ ପାରିବେ ।
- ଏହି "ଜବ-କାର୍ଡ" ଧରି ଆପଣ କାମ ପାଇଁ ଗ୍ରାମ ପଞ୍ଚାୟତର ସରପଞ୍ଚ କିମ୍ବା ନିର୍ବାହୀ ଅଧିକାରୀଙ୍କ ପାଖରେ ଦାବି କରନ୍ତୁ । ଏଥିପାଇଁ ଆପଣଙ୍କୁ ସାଧା କାଗଜରେ କିମ୍ବା ଉଦ୍ଦିଷ୍ଟ ଫର୍ମରେ ଲିଖିତ ଆବେଦନ କରିବାକୁ ହେବ ।

**ବିଶେଷ ଦ୍ରଷ୍ଟବ୍ୟ:** ଉଭୟ କ୍ଷେତ୍ରରେ ଦରଖାସ୍ତ ଦେବାପରେ ତାରିଖ, ପଞ୍ଚାୟତ ସିଲ୍ ଓ ଅଧିକାରୀଙ୍କ ଦସ୍ତଖତ ପଡ଼ିଥିବା ପ୍ରାପ୍ତି ସ୍ୱୀକାର ରସିଦ୍ ଆଣିବାକୁ କଦାପି ଭୁଲିବେ ନାହିଁ । ଏହା ଭବିଷ୍ୟତରେ ୧୫ ଦିନ ଭିତରେ କାମ ନ ମିଳିଲେ ବେରୋଜଗାରୀ ଭତ୍ତା ମିଳିବା ନିମନ୍ତେ ପ୍ରମାଣ ଯୋଗାଇବାରେ ସାହାଯ୍ୟ କରିବ । ସମତଳ ଅଞ୍ଚଳ ନିମନ୍ତେ ୫୦ଜଣ ଓ ପାହାଡ଼ିଆ ଅଞ୍ଚଳ ଏବଂ ବନୀକରଣ କାର୍ଯ୍ୟ ନିମନ୍ତେ ଅତିକମ୍ ରେ ୨୦ ଜଣ ଶ୍ରମିକ ଏକାଥରେ କର୍ମ ନିଯୁକ୍ତି ନିମନ୍ତେ ଆବେଦନ କଲେ ଏହି ଯୋଜନାରେ ନୂତନ କାର୍ଯ୍ୟ ଆରମ୍ଭ କରାଯିବ ।

## ଏନ୍.ଆର୍.ଇ.ଜି.ଏସ୍‌ରେ ମଜୁରୀ ହାର କେତେ ?

ଏହି ଯୋଜନା ମାଧ୍ୟମରେ ବର୍ତ୍ତମାନ ଅଣକୁଶଳୀ ଜଣେ ଶ୍ରମିକ ଦୈନିକ ୮ ଘଣ୍ଟା ( ମଝିରେ ୧ ଘଣ୍ଟା ବିଶ୍ରାମ) କାର୍ଯ୍ୟ କଲେ ସର୍ବନିମ୍ନ ମଜୁରୀ ନିମ୍ନ ପ୍ରକାରେ ପାଇବେ ।

| | |
|---|---|
| ଅଣକୁଶଳୀ ଶ୍ରମିକଙ୍କୁ ଦୈନିକ ମଜୁରୀ | ଟ. ୯୦.୦୦ |
| ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ଦୈନିକ ମଜୁରୀ | ଟ. ୧୦୩.୦୦ |
| କୁଶଳୀ ଶ୍ରମିକଙ୍କୁ ଦୈନିକ ମଜୁରୀ | ଟ. ୧୧୬.୦୦ |
| ଉଚ୍ଚକୁଶଳୀ ଶ୍ରମିକଙ୍କୁ ଦୈନିକ ମଜୁରୀ | ଟ. ୧୨୯.୦୦ |

ସେହିପରି ମାଟି କାମରେ ଚୌକା ବା ଖୁଣ୍ଟି ବା ପିସ୍‌ରେଟ୍ (Piece Rate)ରେ କାର୍ଯ୍ୟକଲେ ନିମ୍ନ ହାରରେ ମଜୁରୀ ପାଇବେ ।

| ମାଟିର ପ୍ରକାର | ଚୌକାର ପରିମାଣ ମାପ | ପ୍ରାରମ୍ଭିକ ଦୂରତ୍ୱ ଓ ଉଚ୍ଚତା | ମଜୁରୀ ପରିମାଣ |
|---|---|---|---|
| ସାଧାରଣ ମାଟି | ୧୦ ଫୁଟ X ୧୦ ଫୁଟ X ୧ ଫୁଟ ୧୦୦ ଘନଫୁଟ | ଖୋଳିବା ଓ ୫୦ ମି. ଦୂରତା ଓ ୧.୫ ମି. ଉଚ୍ଚତା ଉଠିବା ପର୍ଯ୍ୟନ୍ତ ବୋହିବା | ଟ.୧୪୫ ଙ୍କା |
| କଠିନ ମାଟି | ୧୦ ଫୁଟ X ୧୦ ଫୁଟ X ୧ ଫୁଟ ୧୦୦ ଘନଫୁଟ | ଖୋଳିବା ଓ ୫୦ ମି. ଦୂରତା ଓ ୧.୫ ମି. ଉଚ୍ଚତା ଉଠିବା ପର୍ଯ୍ୟନ୍ତ ବୋହିବା | ଟ.୧୮୦ ଙ୍କା |
| ପଥୁରିଆ ମାଟି | ୧୦ ଫୁଟ X ୧୦ ଫୁଟ X ୧ ଫୁଟ ୧୦୦ ଘନଫୁଟ | ଖୋଳିବା ଓ ୫୦ ମି. ଦୂରତା ଓ ୧.୫ ମି. ଉଚ୍ଚତା ଉଠିବା ପର୍ଯ୍ୟନ୍ତ ବୋହିବା | ଟ.୨୫୦ ଙ୍କା |

ଏତଦ୍ ବ୍ୟତୀତ ମାଟି ଖୋଳା ଯାଉଥିବା ସ୍ଥାନ ଠାରୁ ଉଚ୍ଚତା କିମ୍ବା ଦୂରତା ଭିତ୍ତିରେ ଜଣେ ଶ୍ରମିକ ନିମ୍ନ ପ୍ରକାରେ ଅଧିକ ମଜୁରୀ ପାଇବେ ।

ଖାଲଠାରୁ ୫ଫୁଟ ଉପରକୁ ମାଟି ପକାଇଲେ- ଟ.୧୦.୪୪

ଖାଲଠାରୁ ୧୫ଫୁଟ ଉପରକୁ ମାଟି ପକାଇଲେ- ଟ.୩୧.୩୨

ଖାଲଠାରୁ ୨୦ଫୁଟ ଉପରକୁ ମାଟି ପକାଇଲେ- ଟ.୪୧.୭୬

ଖାଲଠାରୁ ୨୫ଫୁଟ ଉପରକୁ ମାଟି ପକାଇଲେ- ଟ.୫୨.୨୦

ଖୋଳାଯାଇଥିବା ଚୌକାଠାରୁ ମାଟି ବୋହିକରି ପକାଇବା ଦୂରତା ଅନୁଯାୟୀ-

ଦୂରତା ୭୫ଫୁଟ ହେଲେ- ଟ. ୭.୨୪

ଦୂରତା ୧୦୦ଫୁଟ ହେଲେ- ଟ. ୧୬.୫୦

ଦୂରତା ୧୩୬ଫୁଟ ହେଲେ - ଟ. ୨୬.୭୪

ଦୂରତା ୧୫୦ଫୁଟ ହେଲେ - ଟ. ୩୮.୨୧

ଦୂରତା ୧୫୦ଫୁଟ ଠାରୁ ଅଧିକ ହେଲେ - ଟ. ୫୦.୯୪

## ମଜୁରୀ ଦେୟ:

ଏନ୍. ଆର.ଇ.ଜି.ଏସ୍. କାର୍ଯ୍ୟରେ ନିୟୋଜିତ ଜବ୍ କାର୍ଡଧାରୀ ଶ୍ରମିକମାନଙ୍କୁ ଅର୍ଜିତ ମଜୁରୀ ଟଙ୍କା ବ୍ୟାଙ୍କ ଆକାଉଣ୍ଟ କିମ୍ବା ପୋଷ୍ଟାଲ୍ ଆକାଉଣ୍ଟ ମାଧ୍ୟମରେ ମଧ୍ୟ ଦିଆଯାଏ । ମଜୁରୀ ଦେବାବେଳେ ସମ୍ପାଦକ/ୱାର୍ଡମେମ୍ବର/ପି.ଇ.ଓ କିମ୍ବା ଗ୍ରାମ ତଦାରଖ କମିଟି ସଭ୍ୟଙ୍କ ଉପସ୍ଥିତିରେ କରାଯାଏ ଏବଂ ମଷ୍ଟର ରୋଲରେ ସେମାନଙ୍କ ଦସ୍ତଖତ ନିଆଯାଏ ।

## ମଜୁରୀ ହାର ଓ ମଜୁରୀ ଦେବାର ନିୟମ ସମ୍ପର୍କରେ :

୧) ଉଭୟ ମହିଳା ଓ ପୁରଷଙ୍କୁ ୮ଘଣ୍ଟା (ମୋଟ ୮ଘଣ୍ଟାରୁ ୧ଘଣ୍ଟା ବିଶ୍ରାମ ମିଳେ) ପରିଶ୍ରମ ନିମନ୍ତେ ସମାନ ମଜୁରୀ ଦୈନିକ ଟ.୯୦ଙ୍କା ମିଳିବ । ନିଜ ଗ୍ରାମର ୫ କି.ମି ପରିଧିବାହାରେ କାମ ଯୋଗାଇ ଦିଆଗଲେ ସେମାନଙ୍କ ଯିବା, ଆସିବା, ରହଣି ଖର୍ଚ୍ଚ ବାବଦକୁ ଦୈନିକ ମଜୁରୀର ଶତକଡ଼ା ୧୦ ଭାଗ ଅତିରିକ୍ତ ମଜୁରୀ ପ୍ରଦାନ କରାଯିବ ।

୨) ମୋଟ ପଞ୍ଜିକୃତ ଶ୍ରମିକମାନଙ୍କ ମଧ୍ୟରୁ ଅତିକମ୍‌ରେ ଏକ ତୃତୀୟାଂଶ ମହିଳାଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ ଯୋଗାଇ ଦିଆଯିବ ।

୩) ଶ୍ରମିକ ମାନଙ୍କୁ ପ୍ରତି ସପ୍ତାହରେ ମଜୁରୀ ପ୍ରଦାନ କରାଯିବ ଏବଂ କୌଣସି ସ୍ଥଳେ ଏହା କାମ ହେବାର ୧୫ଦିନରୁ ଊର୍ଦ୍ଧ୍ୱ ହେବ ନାହିଁ । ଅଧିକନ୍ତୁ ରାଜ୍ୟ ସରକାର ଚାହିଁଲେ ମଜୁରୀର କିଛି ଅଂଶ ଦୈନିକ ହାରରେ ମଧ୍ୟ ପ୍ରଦାନ କରିପାରିବେ ।

୪) ମଜୁରୀ ସଂପୂର୍ଣ୍ଣଭାବେ ନଗଦ ଟଙ୍କା କିମ୍ବା ଉଭୟ ଟଙ୍କା ବା ଖାଦ୍ୟ ଶସ୍ୟ ଆକାରରେ ଦିଆଯାଇପାରିବ । କିନ୍ତୁ ଯେତେବେଳେ ଖାଦ୍ୟ ଶସ୍ୟ ଦିଆଯିବ ସେତେବେଳେ ଏହା ସଂପୂର୍ଣ୍ଣଭାବେ ଦିଆନଯାଇ ଅତିକମରେ ମଜୁରୀର ୨୫ ପ୍ରତିଶତ ନଗଦ ଟଙ୍କା ଆକାରରେ ଓ ବାକି ୭୫ ପ୍ରତିଶତ ଖାଦ୍ୟଶସ୍ୟ ଭାବରେ ଦିଆଯିବ (ଅନୁସୂଚୀ ୨ ପାରା ୩୧) ।

୫) କର୍ମ ନିଯୁକ୍ତି ନିମନ୍ତେ ଦରଖାସ୍ତ ଦେବା ପରଠାରୁ ୧୫ଦିନ ମଧ୍ୟରେ କାର୍ଯ୍ୟ ଯୋଗାଇ ଦିଆନଗଲେ **"ବେରୋଜଗାରୀ ଭତ୍ତା"** ମିଳିବ । ଏହି ଭତ୍ତା ମଜୁରୀର ଏକ-ଚତୁର୍ଥାଂଶ ହିସାବରେ ପ୍ରଥମ ୩୦ଦିନ ଓ ବାକି ଦିନ ଗୁଡ଼ିକରେ ମଜୁରୀର ଅର୍ଦ୍ଧେକ ହିସାବରେ ଦିଆଯିବ ।

## ବେରୋଜଗାରୀ ଭତ୍ତା କିଏ ଓ କେତେବେଳେ ପାଇପାରିବେ ନାହିଁ ?

୧) ଯଦି ଜଣେ ବ୍ୟକ୍ତି କାମରେ ଯୋଗ ଦେବାପାଇଁ ନୋଟିସ୍ (**Notice**)ଗ୍ରହଣ ନ କରନ୍ତି ।

୨) କାମରେ ଯୋଗଦାନ କରିବା ନିମନ୍ତେ ପତ୍ର ପାଇବାର ୧୫ଦିନ ମଧ୍ୟରେ କର୍ମ କ୍ଷେତ୍ରରେ ଯଦି ଯୋଗଦାନ ନକରନ୍ତି ।

୩) ଜଣେ ଯଦି ବିନା ଅନୁମତିରେ ଏକ ସପ୍ତାହରୁ ଅଧିକ ଦିନ କାମରେ ଅନୁପସ୍ଥିତ ରହନ୍ତି ।

୪) ଯଦି ଗୋଟିଏ ପଞ୍ଜିକୃତ ପରିବାରକୁ ଏକ ଆର୍ଥିକ ବର୍ଷରେ ତାଙ୍କ କୋଟାର ୧୦୦ ଦିନ କାମ ଯୋଗାଇ ଦିଆଯାଇଥିବ ବା ଯଦି ଗୋଟିଏ ପରିବାରର ବେରୋଜଗାରୀ ଭତ୍ତା ଓ ମଜୁରୀ ମିଶି ୧୦୦ ଦିନର ମଜୁରୀ ସହ ସମାନ ମୂଲ୍ୟର ମଜୁରୀ ଗୋଟିଏ ଆର୍ଥିକ ବର୍ଷ ମଧ୍ୟରେ ପାଇ ସାରିଥିବେ ।

## ଶ୍ରମିକ, ଶିଶୁ ଓ ମହିଳା ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଓ ସୁବିଧା:

୧) କାର୍ଯ୍ୟକ୍ଷେତ୍ରରେ ନିରାପଦ ପାନୀୟ ଜଳ, ଶିଶୁ ମାନଙ୍କ ନିମନ୍ତେ ଆଶ୍ରୟ ସ୍ଥଳୀ, ଅବକାଶ ସମୟ, ପ୍ରାଥମିକ ଚିକିତ୍ସା ବାକ୍ସ, ଆବଶ୍ୟକୀୟ ଜରୁରୀ ଚିକିତ୍ସା ସାମଗ୍ରୀ ଇତ୍ୟାଦିର ସୁବ୍ୟବସ୍ଥା କରାଯିବ ।

୨) ଯଦି କୌଣସି କାର୍ଯ୍ୟକ୍ଷେତ୍ରରେ ମହିଳା ଶ୍ରମିକ ମାନଙ୍କ ସହ ଆସୁଥିବା ୬ ବର୍ଷରୁ କମ୍ ବୟସର ଶିଶୁର ସଂଖ୍ୟା ୫ ରୁ ଅଧିକ ହୁଏ, ସେ କ୍ଷେତ୍ରରେ ସେମାନଙ୍କ ଦେଖାଶୁଣା କରିବା ପାଇଁ ଜଣେ ମହିଳା ଶ୍ରମିକଙ୍କୁ ନିୟୋଜିତ କରାଯିବ । ଉକ୍ତ ମହିଳାଙ୍କୁ ଅନ୍ୟ ମାନଙ୍କ ଭଳି ସର୍ବନିମ୍ନ ଅଣକୁଶଳୀ ମଜୁରୀ ଦିଆଯିବ ।

୩) ଯଦି କୌଣସି ବ୍ୟକ୍ତି ଏହି ଯୋଜନାରେ କାମ କରିବା ସମୟରେ ଦୁର୍ଘଟଣାରେ ଆହତ ହୁଅନ୍ତି ତେବେ ଯୋଜନାରେ ଦର୍ଶାଯାଇଥିବା ନିୟମ ଅନୁସାରେ ତାଙ୍କୁ ବିନା ଖର୍ଚ୍ଚରେ ଚିକିତ୍ସାର ସୁବିଧା ଦିଆଯିବ । ଡାକ୍ତରଖାନାରେ ଭର୍ତ୍ତି କରି ଅନ୍ତତଃ ତାଙ୍କ ମଜୁରୀର ଅଧା ଦୈନନ୍ଦିନ ଭତ୍ତା ଆକାରରେ ଯୋଗାଇ ଦିଆଯିବ ।

୪) ଯଦି କାମ କରିବାବେଳେ କୌଣସି ବ୍ୟକ୍ତି ପ୍ରାଣ ହରାଏ ବା ପଙ୍ଗୁ ହୋଇଯାଏ ତେବେ ତାଙ୍କୁ କାର୍ଯ୍ୟକାରୀ ସଂସ୍ଥା ତରଫରୁ ଟ.୨୫,୦୦୦/- ଅନୁଦାନ ରାଶି କିମ୍ବା ଏ ବାବଦରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅର୍ଥ ମୃତ୍ୟୁ ଶ୍ରମିକ ବା ଅକ୍ଷମ ଶ୍ରମିକଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ ।

୫) ଯଦି କୌଣସି ଶ୍ରମିକଙ୍କ ସହିତ ଆସିଥିବା ଶିଶୁ ଆହତ ହୁଏ, ତାକୁ ବିନା ଖର୍ଚ୍ଚରେ ଯୋଜନା ଅନୁସାରେ ଚିକିତ୍ସାର ସୁବିଧା ଦିଆଯିବ ଏବଂ ମୃତ୍ୟୁ କିମ୍ବା ସ୍ଥାୟୀ ରୂପେ ଅକ୍ଷମ ହେଲେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ଅନୁକମ୍ପାମୂଳକ ସାହାଯ୍ୟ ଦିଆଯିବ। (ଅନୁସୂଚୀ ୨, ପାରା ୨୪,୨୫,୨୬ ଓ ୩୩)

## ଗ୍ରାମ ପଞ୍ଚାୟତର ଦାୟିତ୍ୱ:

୧) ପଲ୍ଲୀ ସଭା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତ ନିଜ ପଞ୍ଚାୟତର ଯୋଜନା ପ୍ରସ୍ତୁତ କରନ୍ତି । ଏହା ସହିତ ଗ୍ରାମ ପଞ୍ଚାୟତ ଶ୍ରମିକ ମାନଙ୍କର ନାମ ପଞ୍ଜିକରଣ, ଜବ୍ କାର୍ଡ ବଣ୍ଟନ, ଶତକଡ଼ା ୫୦ ଭାଗ କାର୍ଯ୍ୟ ସମ୍ପାଦନ, ମଜୁରୀ ପ୍ରଦାନ ଓ ତଦାରଖ କାର୍ଯ୍ୟ କରିବେ ।

୨) ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମ ରୋଜଗାର ସେବକ (ଜି.ଆର.ଏସ୍)ନିୟୋଜିତ ହୋଇଛନ୍ତି, ଯେଉଁମାନେ ଗ୍ରାମ ପଞ୍ଚାୟତ ଦ୍ୱାରା କାର୍ଯ୍ୟକରୀ ହେଉଥିବା ଏନ୍.ଆର.ଇ.ଜି.ଏସ୍. କାର୍ଯ୍ୟରେ ସାହାଯ୍ୟ କରିବେ ।

୩) ଗ୍ରାମ ପଞ୍ଚାୟତର ଦାୟିତ୍ୱ ହେଉଛି ଗ୍ରାମସଭା ତଥା ପଲ୍ଲୀସଭାର ସୁପାରିଶ ମୁତାବକ ଗ୍ରାମ ପଞ୍ଚାୟତ ଅଧିନରେ ଚାଲିବାକୁଥିବା ଯୋଜନାଗୁଡ଼ିକୁ ଚିହ୍ନଟକରିବା ଓ ତାହାକୁ କାର୍ଯ୍ୟକାରୀ କରାଇବା ଏବଂ ତଦାରଖ କରିବା ।

୪) କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ଯେ କୌଣସି ପ୍ରକଳ୍ପକୁ କୌଣସି ଯୋଜନା ଅଧୀନରେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଗ୍ରାମ ପଞ୍ଚାୟତ ହାତକୁ ନେଇପାରିବେ ।

୫) ଏହି ଯୋଜନା ଅଧୀନରେ ଯେ କୌଣସି ସମୟରେ ଦାବିମୁତାବକ କାମ ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, ଗ୍ରାମସଭା ଓ ପଲ୍ଲୀସଭା (ୱାର୍ଡସଭା) ର ସୁପାରିଶକ୍ରମେ ଏକ ବିକାଶ ଯୋଜନା ସହ ସମ୍ପୃକ୍ତ କାର୍ଯ୍ୟଗୁଡ଼ିକର ଏକ କ୍ରମତାଲିକା ପ୍ରସ୍ତୁତ କରିବେ ।

୬) ଗ୍ରାମ ପଞ୍ଚାୟତ ବର୍ଷ ଆରମ୍ଭରୁ ସେହି ବର୍ଷପାଇଁ ତାଙ୍କ ଅଞ୍ଚଳରେ ଚାଲିଥିବା ବିକାଶ ଯୋଜନାଗୁଡ଼ିକର ପ୍ରସ୍ତାବକୁ ଅଗ୍ରାଧିକାରଭିତ୍ତିରେ କ୍ରମାନୁସାରେ ସଜାଇ କାର୍ଯ୍ୟକ୍ରମ ଅଧିକାରୀଙ୍କ ଯାଞ୍ଚ ତଥା ପ୍ରାଥମିକ ଅନୁମୋଦନ ସକାଶେ ପଠାଇବେ ।

୭) ଗ୍ରାମ ପଞ୍ଚାୟତ ମାଧ୍ୟମରେ ହେବାକୁଥିବା କାର୍ଯ୍ୟପାଇଁ ଯେତିକି ଅର୍ଥ ଆବଶ୍ୟକ ତାହା ଅଧା କାର୍ଯ୍ୟକ୍ରମ ଅଧିକାରୀ ଗ୍ରାମ ପଞ୍ଚାୟତକୁ ଯୋଗାଇ ଦେବେ ।

୮) କାର୍ଯ୍ୟକ୍ରମ ଅଧିକାରୀ ପ୍ରତି ଗ୍ରାମ ପଞ୍ଚାୟତକୁ ମଞ୍ଜୁରୀ ହୋଇଥିବା ପ୍ରତ୍ୟେକ କାମ ପାଇଁ ହାଜିରାଖାତା (ମଷ୍ଟରରୋଲ) ଓ ସେହି ପଞ୍ଚାୟତ ଲୋକଙ୍କ ପାଇଁ ଆଉ କେଉଁଠାରେ ମିଳୁଥିବା କର୍ମ ନିଯୁକ୍ତି ବିଷୟରେ ଏକ ସୂଚୀ ଯୋଗାଇଦେବେ ।

୯) ଗ୍ରାମ ପଞ୍ଚାୟତ କାମ ପାଇଁ ଆବେଦନ କରିଥିବା ଶ୍ରମିକମାନଙ୍କୁ କାମ ଯୋଗାଇଦେବା ସହିତ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ରିପୋର୍ଟ କରିବାକୁ କହିବେ ।

୧୦) ଗ୍ରାମ ପଞ୍ଚାୟତ ଦ୍ୱାରା କରାଯାଉଥିବା କାର୍ଯ୍ୟର ବୈଷୟିକ ମାନ ଏବଂ ମାପଚୁପ ଯେପରି ଠିକ୍‌ଠାକ୍ ରହିବ ସେଥି ପ୍ରତି ଦୃଷ୍ଟି ଦେବେ ।

## ଗୋଷ୍ଠୀ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟକ୍ରମ ଅଧିକାରୀ(BDO)ଙ୍କ ଦାୟିତ୍ୱ :

ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିଭିନ୍ନ କାର୍ଯ୍ୟଗୁଡ଼ିକ ହେଲା:- ବ୍ଲକର ଯୋଜନା ପ୍ରସ୍ତୁତି, ବାର୍ଷିକ ଶ୍ରମିକ ବଜେଟ ପ୍ରସ୍ତୁତି, କାର୍ଯ୍ୟ ବଣ୍ଟନ, ଯୋଜନା ଗୁଡ଼ିକୁ ଏକତ୍ରୀକରଣ କରିବା, ବେରୋଜଗାରୀ ଭତ୍ତା ପ୍ରଦାନ କରିବା ଇତ୍ୟାଦି ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

## ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (DPC)ଙ୍କ ଦାୟିତ୍ୱ :

ଜିଲ୍ଲା ପାଇଁ ୫ ବର୍ଷିଆ ଯୋଜନା ପ୍ରସ୍ତୁତି କରଣ, ବାର୍ଷିକ ଶ୍ରମିକ ବଜେଟ ଅନୁମୋଦନ, ଜିଲ୍ଲା ସ୍ତରୀୟ କାର୍ଯ୍ୟ ପର୍ଯ୍ୟାଲୋଚନା ଓ ତଦାରଖ କରିବା ଇତ୍ୟାଦି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ସମ୍ପାଦନ କରିଥାନ୍ତି ।

## ଗ୍ରାମସଭା ପକ୍ଷରୁ ସାମାଜିକ ସମୀକ୍ଷା:

୧) ଗ୍ରାମ ପଞ୍ଚାୟତ ମଧ୍ୟରେ ହେଉଥିବା ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଗ୍ରାମସଭା ନିରୀକ୍ଷଣ କରିବେ ।

୨) ଗ୍ରାମ ପଞ୍ଚାୟତ ଅଧିନରେ ଚାଲୁଥିବା ସମସ୍ତ ପ୍ରକଳ୍ପ ସଂପର୍କରେ ଗ୍ରାମସଭା ନିୟମିତ ଭାବରେ ସାମାଜିକ ସମୀକ୍ଷା କରିବେ ।

୩) ଏଥିପାଇଁ ଗ୍ରାମ ପଞ୍ଚାୟତ ଗ୍ରାମସଭାକୁ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଯଥା ହାଜିରା ଖାତା, ବିଲ୍, ଭାଉଚର, ମାପବହି, ମଞ୍ଜୁରୀ ନିର୍ଦ୍ଦେଶନାମାର କପି ବା ଅନ୍ୟାନ୍ୟ ଆନୁଷଙ୍ଗିକ ହିସାବ ବହି ଓ କାଗଜପତ୍ର ଇତ୍ୟାଦି ଯାହା ଦରକାର ଯୋଗାଇଦେବେ ।

## ସାମାଜିକ ସମୀକ୍ଷା (Social Audit):

ଏନ୍. ଆର.ଇ.ଜି.ଏସ୍. କାର୍ଯ୍ୟକୁ ଗ୍ରାମସଭା ମାଧ୍ୟମରେ ସମୀକ୍ଷା(Audit) କରାଯାଇଥାଏ ଏବଂ ଏହି ସମୀକ୍ଷା କାର୍ଯ୍ୟ ପ୍ରତି ୬ ମାସରେ ଥରେ କରାଯାଏ ।

## ଅନ୍ ଲାଇନ୍ ଏଣ୍ଟ୍ରି କଣ୍ ?

ଏନ୍. ଆର୍.ଇ.ଜି.ଏସ୍. କାର୍ଯ୍ୟରେ ନିୟୋଜିତ ଜବ୍ କାର୍ଡ ଧାରୀ ଶ୍ରମିକ ମାନଙ୍କ କାର୍ଯ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ଯଥା କୁଶଳୀ ଓ ଅର୍ଦ୍ଧକୁଶଳୀ ବାବଦ ଖର୍ଚ୍ଚକୁ ବ୍ଲକ ଅଫିସରେ କମ୍ପ୍ୟୁଟର ମାଧ୍ୟମରେ ଅନ୍ ଲାଇନ୍‌ରେ ପୂରଣ କରାଯାଏ ଏବଂ ସର୍ବସାଧାରଣଙ୍କ ଜାଣିବାପାଇଁ ୱେବ୍-ସାଇଟ୍ ରେ ଛଡ଼ାଯାଇଥାଏ ।

## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସର୍ବନିମ୍ନ ବୈଶିଷ୍ଟ୍ୟ

୧) ଜଳ ସଂରକ୍ଷଣ ଓ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ।
୨) ମରୁଡ଼ି ନିରାକରଣ (ବନୀକରଣ ଓ ବୃକ୍ଷରୋପଣ ସହିତ) କାର୍ଯ୍ୟ ।
୩) କ୍ଷୁଦ୍ର ତଥା ଅଣଜଳସେଚନ ସମେତ ଜଳସେଚନ, କେନାଲ ନିର୍ମାଣ କାର୍ଯ୍ୟ ।
୪) ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଭୂସଂସ୍କାର ଓ କେନ୍ଦ୍ରସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯୋଜନା ଇନ୍ଦିରାଆବାସ ହିତାଧିକାରୀଙ୍କ ଜମିକୁ ଜଳ ସେଚନ ସୁବିଧା ଓ ପରିଷ୍କାର ପରିଚ୍ଛନ୍ନତା ।
୫) ପୁରାତନ ବନ୍ଧ, ପୋଖରୀ ବା ପାରମ୍ପରିକ ଜଳାଶୟଗୁଡ଼ିକର ପଙ୍କୋଦ୍ଧାର କାର୍ଯ୍ୟ ।
୬) ଭୂ-ଉନ୍ନୟନ ।
୭) ବନ୍ୟା ନିୟନ୍ତ୍ରଣ ଓ ସୁରକ୍ଷା କାର୍ଯ୍ୟ ସମେତ ଜଳ ଜମୁଥିବା ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ନାଳ ବ୍ୟବସ୍ଥା ।
୮) ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ସବୁଦିନିଆ ରାସ୍ତା ନିର୍ମାଣ କାର୍ଯ୍ୟ ।
୯) ଅନ୍ୟ ସ୍ୱତନ୍ତ୍ର କାର୍ଯ୍ୟ ଯାହାକୁ କି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଚାଲୁ କରିବାକୁ ଚାହୁଁଥିବେ ।

## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସର୍ତ୍ତାବଳୀ :

୧) ପ୍ରତ୍ୟେକ ପରିବାରର ଯେଉଁ ବୟସ୍କ ବ୍ୟକ୍ତି ଏହି ଯୋଜନାରେ କାର୍ଯ୍ୟ କରିବାକୁ ଚାହୁଁଥିବେ

କ) ସେ କୌଣସି ଏକ ଗ୍ରାମାଞ୍ଚଳରେ ରହୁଥିବେ ।

ଖ) ଅଣ କୁଶଳୀ ଶାରୀରିକ ଶ୍ରମ କରିବାକୁ ଆଗ୍ରହୀ ଥିବେ । ସେ ଏହି ଯୋଜନାରେ ଗୋଟିଏ କର୍ମ ନିଯୁକ୍ତି ପତ୍ର ବା ଜବ୍ କାର୍ଡ ପାଇବା ପାଇଁ ନିଜ ନାମ, ଗାଁ, ବୟସ ଏବଂ ଠିକଣା ସହିତ ତାଙ୍କ ପଞ୍ଚାୟତର ନାମ ଲେଖି ନିଜ ଗ୍ରାମପଞ୍ଚାୟତକୁ ଆବେଦନ କରିବେ ।

୨) ନିଜ ଅଞ୍ଚଳରେ କର୍ମ ନିଯୁକ୍ତି ଚାହୁଁଥିବା ପରିବାରଗୁଡ଼ିକର ପଞ୍ଜିକରଣ କରିବା ଗ୍ରାମ ପଞ୍ଚାୟତର କାମ । ଗ୍ରାମପଞ୍ଚାୟତ ଏହାର ଏକ ତାଲିକା ପ୍ରସ୍ତୁତ କରି ଉଚିତମନେ କଲେ ସେହି ପରିବାର ବିଷୟରେ ଆବଶ୍ୟକୀୟ ତଦନ୍ତ କରିବେ । ଏହାପରେ ଆବେଦନକାରୀଙ୍କ ପରିବାର ସଂପର୍କରେ ଟିକିନିଖି ବିବରଣୀ ଲେଖିବେ । ଏଥିସହ ଏହି ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅନୁସାରେ ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ବିବରଣୀ ସହ ଫଟୋ ଲଗାଯାଇଥିବା ଜବ୍-କାର୍ଡ ବା କର୍ମ ନିଯୁକ୍ତି ପତ୍ର ଦିଆଯିବ ।

୩) ଉପରୋକ୍ତ କ୍ରମାଙ୍କ-୨ରେ ଦିଆଯାଇଥିବା ଏପରି ପଞ୍ଜିକରଣ ସମୟସୀମା ପାଞ୍ଚବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ଓ ସମୟକୁ ସମୟ ଏହି ଜବ୍ କାର୍ଡ ବା କର୍ମ ନିଯୁକ୍ତି ପତ୍ରର ନବୀକରଣ କରାଯିବ ।

୪) ଏଭଳି ପଞ୍ଜିକୃତ ପରିବାରର ଶ୍ରମିକମାନଙ୍କୁ ଏପରି ଜବ୍-କାର୍ଡ ବା କର୍ମ ନିଯୁକ୍ତି ପତ୍ର ଦିଆଯିବ, ଯାହାଙ୍କ ନାମ ଏଥିରେ ଉଲ୍ଲେଖଥିବ, ସେମାନେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଣ-କୁଶଳୀ କାମ ପାଇବା ପାଇଁ ଆବେଦନ କରିବାକୁ ହକ୍‌ଦାର ହେବେ ।

୫) ଏହି ଆଇନ୍ ଅନୁସାରେ ସମସ୍ତ ପଞ୍ଜିକୃତ ଶ୍ରମିକ ଗୋଟିଏ ଆର୍ଥିକ ବର୍ଷରେ ପ୍ରତି ପରିବାର ସର୍ବାଧିକ ୧୦୦ଦିନ ନିଯୁକ୍ତି ପାଇବାକୁ ହକ୍‌ଦାର ହେବେ ।

୬) ଆବେଦନକାରୀଙ୍କଠାରୁ ଆବେଦନପତ୍ର ପାଇବାର ୧୫ଦିନ ମଧ୍ୟରେ ତାଙ୍କୁ ଏହି ଯୋଜନାରେ ଯେତେଦିନ ସମ୍ଭବ କର୍ମ ନିଯୁକ୍ତି ଦିଆଯିବ । ତେବେ ଏହି ନିଯୁକ୍ତି ୧୦୦ଦିନରୁ କମ୍ ହେବ ନାହିଁ । ନିଯୁକ୍ତି ପାଉଥିବା ଶ୍ରମିକଙ୍କ ମଧ୍ୟରେ ଏକ ତୃତୀୟାଂଶ ମହିଳାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ ।

୭) କର୍ମ ନିଯୁକ୍ତି ପାଇଁ ଯେଉଁମାନେ ଆବେଦନ କରିବେ ସେମାନେ ଏକାଥରକେ ଅନ୍ତତଃ ୧୪ଦିନ ପର୍ଯ୍ୟନ୍ତ କାମକରିବାକୁ ପ୍ରସ୍ତୁତ ରହିବା ଉଚିତ୍ ।

୮) କର୍ମ ନିଯୁକ୍ତିର ଦିନ ପାଇଁ ଆବେଦନ କରିବାର କୌଣସି ବୟସ ସୀମା ନାହିଁ । ଗୋଟିଏ ପରିବାରର ମୋଟ କର୍ମ ନିଯୁକ୍ତି ଯୋଗାଣର ଆବଶ୍ୟକତାକୁ ବିଚାରକରି ବାସ୍ତବ କ୍ଷେତ୍ରରେ କାମ ପାଇବାର ଦିନ ମଧ୍ୟରେ କୌଣସି ସୀମା କଟକଣା ଲାଗୁ ହେବ ନାହିଁ ।

୯) ଯୋଜନାରେ ଥିବା ନିର୍ଦ୍ଦେଶ ମୁତାବକ କର୍ମ ନିଯୁକ୍ତି ପାଇଁ ଗ୍ରାମପଞ୍ଚାୟତ ବା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଲିଖିତ ଭାବରେ ଆବେଦନ କରାଯିବ ।

୧୦) ଗ୍ରାମପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀ ସଠିକ ଦରଖାସ୍ତ ଗ୍ରହଣ କରିବାକୁ ବାଧ୍ୟ ଅଟନ୍ତି । ସେ ଆବେଦନକାରୀଙ୍କୁ ଏହି ଆବେଦନପତ୍ର ଗ୍ରହଣ କରିବାର ତାରିଖ ଲେଖି ରସିଦ୍ ଦେବେ । ଦଳଗତ ଆବେଦନ ପତ୍ର ମଧ୍ୟ ଦାଖଲ କରାଯାଇ ପାରିବ ।

୧୧) ଆବେଦନକାରୀମାନଙ୍କୁ ସେମାନଙ୍କ ନିଯୁକ୍ତି ବିଷୟରେ ସେମାନଙ୍କ କର୍ମନିଯୁକ୍ତି ପତ୍ର ବା ଜବ୍‌କାର୍ଡ଼ରେ ଥିବା ପରିବାରର ଠିକଣାରେ ଲିଖିତଭାବେ ଚିଠି ଦ୍ୱାରା ଜଣାଇ ଦେବେ । ଏହା ବ୍ୟତୀତ ପୌରପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ନୋଟିସବୋର୍ଡ଼ରେ ବିଜ୍ଞପ୍ତି ଜରିଆରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବାକୁ ହେବ ।

୧୨) ଏହି ଯୋଜନା ଅଧିନରେ ଗୋଟିଏ ନୂତନ କାର୍ଯ୍ୟ ନିମ୍ନଲିଖିତ ସର୍ତ୍ତ ସହିତ କେବଳ ଆରମ୍ଭ କରାଯାଇପାରେ -

- କ) ଯେଉଁ କାର୍ଯ୍ୟପାଇଁ ଅନ୍ତତଃ ୫୦ଜଣ ଶ୍ରମିକ ମିଳୁଥିବେ ।
- ଖ) ଆଗରୁ ଚାଲୁରହିଥିବା କାର୍ଯ୍ୟରେ ଏହି ଶ୍ରମିକ ମାନଙ୍କୁ କାମ ଦିଆଯିବ ନାହିଁ । ଅବଶ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପାହାଡିଆ ଅଞ୍ଚଳରେ ତଥା ବନୀକରଣ କାର୍ଯ୍ୟକ୍ରମ କ୍ଷେତ୍ରରେ ଏହି ସର୍ତ୍ତ ଲାଗୁ ହେବ ନାହିଁ ।

୧୩) ଗୋଟିଏ କାର୍ଯ୍ୟର କାର୍ଯ୍ୟ ସମୟ ଅତିକ୍ରମରେ ଲଗାତାର ୧୪ ଦିନ ହେବା ଆବଶ୍ୟକ ତେବେ ଗୋଟିଏ ସପ୍ତାହରେ କେବଳ ୬ ଦିନରୁ ଅଧିକ ଦିନ ଏହି କାମ ଦିଆଯିବ ନାହିଁ ।

୧୪) ଯେଉଁଠାରେ ବେକାରୀ ଭତ୍ତା ଦିଆଯାଉଛି ବା ଦିଆଯିବାକୁ ଅଛି ସେଠାରେ କାର୍ଯ୍ୟକ୍ରମ ଅଧିକାରୀ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଲିଖିତ ଭାବରେ ଆବେଦନକାରୀ ନିଯୁକ୍ତି ନପାଇବାର କାରଣ ଅଥବା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ତାଙ୍କପକ୍ଷେ କାହିଁକି ସମ୍ଭବ ହୋଇପାରିନାହିଁ ତାର କାରଣ ଲିଖିତ ଭାବରେ ଜଣାଇବେ ।

୧୫) ଯେଉଁଠାରେ ବେକାରୀଭତ୍ତା ପ୍ରଦାନ କରାଯାଉଛି, ସେଠାରେ କାହିଁକି ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇପାରିଲା ନାହିଁ ସେ ବିଷୟରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରାଜ୍ୟ ପରିଷଦକୁ ଦେଉଥିବା ତାଙ୍କ ବାର୍ଷିକ ବିବରଣୀରେ ସ୍ପଷ୍ଟ କରିବେ ।

୧୬) ଏହି ଯୋଜନାରେ ଜଣେ ଆବେଦନକାରୀ ଯେଉଁଦିନ ଠାରୁ ନିଯୁକ୍ତି ଚାହୁଁଥିବେ ତାପୂର୍ବରୁ ଯେପରି ସେ ଏଥିପାଇଁ ଆଗୁଆ ଆବେଦନ କରିପାରିବେ ସେଥି ନିମନ୍ତେ ବ୍ୟବସ୍ଥା ରଖାଯିବ ।

୧୭) ଜଣେ ଲୋକ ଚାହିଁଲେ ନିଯୁକ୍ତି ପାଇଁ ଏକାଧିକ ଆବେଦନପତ୍ର ମଧ୍ୟ ଦେଇପାରିବେ । ଏଥିପାଇଁ ତାଙ୍କୁ କେବଳ ଏତିକି ଦେଖିବାକୁ ହେବ ଯେ ସେ ଗୋଟିଏ ଆବଦନପତ୍ରରେ ଯେଉଁ ସମୟ ଭିତରେ ନିଯୁକ୍ତି ଚାହୁଁଥିବେ ଆଉ ଗୋଟିଏ ଆବେଦନ ପତ୍ରରେ ମଧ୍ୟ ସେହି ସମୟକୁ ଲେଖି ନଥିବେ ।

୧୮) ଗ୍ରାମ ପଞ୍ଚାୟତ ନିଜେ ବା କାହାଦ୍ୱାରା ଯୋଜନାରେ ଉଲ୍ଲେଖ କରାଯାଇଥିବା ନିୟମ ମୁତାବକ ନିଯୁକ୍ତି ପାଇଁ ଆବେଦନ କରିଥିବା ପରିବାର ପାଇଥିବା ଜବ୍ କାର୍ଡ, ବେକାରୀ ଭତ୍ତାର ପାସ୍ ବୁକ୍, ନାମ, ବୟସ, ପରିବାର ମୁଖ୍ୟଙ୍କର ଠିକଣା ଏବଂ ସେହିପରିବାରରୁ ନିଯୁକ୍ତି ପାଇଁ ଆବେଦନ କରିଥିବା ସଦସ୍ୟ ମାନଙ୍କର ନାମ, ବୟସ ଓ ଠିକଣା ଥାଇ ଖାତା ବା ରେଜିଷ୍ଟର ପ୍ରସ୍ତୁତ କରିବା ସହ ସେ ସବୁର ପରିଚାଳନା କରିବେ ।

୧୯) ଗ୍ରାମ ପଞ୍ଚାୟତ ଏହିସବୁ ନିଯୁକ୍ତି ପାଇଁ ପଞ୍ଜିକୃତ ହୋଇଥିବା ଲୋକଙ୍କ ନାମ ଓ ଠିକଣାର ତାଲିକକୁ ଯୋଜନା ମୁତାବକ ନିର୍ଦ୍ଧାରିତ ସମୟ ଓ ପଦ୍ଧତି ଅନୁସାରେ ସମ୍ପୃକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କ ପାଖକୁ ପଠାଇବେ ।

୨୦) ଯେଉଁ ଲୋକମାନଙ୍କୁ ନିଯୁକ୍ତି ଦିଆଯାଇ ସାରିଛି ସେମାନଙ୍କ ତାଲିକା ଗ୍ରାମ ପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦପ୍ତରରେ ନୋଟିସ୍ ବୋର୍ଡ ବା ସେ ଯେଉଁଠାରେ ଲଗାଯିବା ଉଚିତ୍ ବୋଲି ମନେକରିବେ ସେଠାରେ ଲଗାଇବେ । ଏହି ତାଲିକାକୁ ରାଜ୍ୟସରକାର ବା ଅନ୍ୟ କେହି ଚାହିଁଲେ ଦେଖିପାରିବେ ।

୨୧) ଯଦି ଗ୍ରାମ ପଞ୍ଚାୟତର ହୃଦ୍‌ବୋଧ ହୁଏ ଯେ, କୌଣସି ଆବେଦନକାରୀ ତାଙ୍କ ବିଷୟରେ ମିଛିକଥା ସବୁ ଲେଖି ପଞ୍ଜିକୃତ ହୋଇଛନ୍ତି, ତେବେ ସେ ସେଭଳି ଆବେଦନକାରୀଙ୍କ ନାମ ତାଲିକାରୁ ବାଦ୍ ଦେବାକୁ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ ଓ ଏହି ଆବେଦନକାରୀଙ୍କୁ ତାଙ୍କ ଜବ୍ କାର୍ଡ ବା କର୍ମ ନିଯୁକ୍ତି ପତ୍ର ଫେରାଇ ନେବାକୁ ନିର୍ଦ୍ଦେଶ ଦେଇ ପାରିବେ ତେବେ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ଆବେଦନକାରୀଙ୍କୁ ତାଙ୍କ କଥା ଦୁଇଜଣ ନିରପେକ୍ଷ ବ୍ୟକ୍ତିଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ସୁଯୋଗ ଦିଆଯିବ । ସେଭଳି କରାନଯାଇ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ।

୨୨) ଏହି ଯୋଜନାରେ କାମ କରୁଥିବା ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ସମୟରେ ମଜୁରୀ ଦିଆ ନଗଲେ ମଜୁରୀ ପଇଠ ଆଇନ ୧୯୩୬ (୪ ଧାରା) ଅନୁଯାୟୀ ତାଙ୍କୁ କ୍ଷତିପୂରଣ ଦିଆଯିବ ।

୨୩) ନିଯୁକ୍ତି ସମୟ ମଧ୍ୟରେ ମଜୁରୀର କିଛି ଅଂଶ ଯେପରି ଶ୍ରମିକମାନେ ପ୍ରତ୍ୟେକ ଦିନର କାମ ଶେଷରେ ପାଇପାରିବେ ରାଜ୍ୟ ସରକାର ସେଥିପାଇଁ ବ୍ୟବସ୍ଥା କରିବେ ।

୨୪) ଏହି ଯୋଜନା ଅଧୀନରେ ଦିଆଯାଉଥିବା ନିଯୁକ୍ତି କ୍ଷେତ୍ରରେ କୌଣସି ପ୍ରକାରର ଲିଙ୍ଗଗତ ବାଛବିଚାର କରାଯିବ ନାହିଁ ଏବଂ ସମାନ ମଜୁରୀ ଆଇନ୍, ୧୯୭୬ (୨୫ ଧାରା)କୁ କଡ଼ାକଡ଼ି ଭାବେ ପାଳନ କରାଯିବ ।

**ଯୋଗାଯୋଗ - ବିଶେଷ ବିବରଣୀ ପାଇଁ ସରପଞ୍ଚ/ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ/ବି.ଡି.ଓ./ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଥବା ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରିପାରିବେ ।**

MSSRF

ଓଡ଼ିଶା ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା — ଫର୍ମ କ - ୨

(ନିର୍ଦ୍ଦେଶ ପାଇଁ ଆର ପୃଷ୍ଠା ଦେଖନ୍ତୁ)

# ପଞ୍ଜୀକରଣ ନିମନ୍ତେ ଦରଖାସ୍ତ

ଜିଲ୍ଲା ________ କୋଡ୍ ☐☐

ପଞ୍ଚାୟତ ସମିତି ________ କୋଡ୍ ☐☐☐

ପଞ୍ଚାୟତ ________ କୋଡ୍ ☐☐☐

ଗ୍ରାମ ________ କୋଡ୍ ☐☐

ପରିବାରର ପଞ୍ଜୀକରଣ ନମ୍ବର ☐☐☐☐☐

ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କର ଫଟୋ

ପ୍ରାପ୍ତେଷୁ,

କାର୍ଯ୍ୟନିର୍ବାହୀ ଅଧିକାରୀ / ସମ୍ପାଦକ .................................... ଗ୍ରାମ ପଞ୍ଚାୟତ

୧. ଆମ ପରିବାରର ନିମ୍ନଲିଖିତ ସଦସ୍ୟମାନଙ୍କୁ ଦୟାକରି ପଞ୍ଜୀକୃତ କରନ୍ତୁ । ଓଡ଼ିଶା ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନୁଯାୟୀ ଆମମାନଙ୍କୁ ଯେଉଁ ଅଣକୁଶଳୀ ଶାରୀରିକ କାର୍ଯ୍ୟ କରିବାକୁ ଦିଆଯିବ ଆମେ ତାହା କରିବାକୁ ଇଚ୍ଛୁକ ।

| କ୍ର. ନଂ | ଦରଖାସ୍ତକାରୀଙ୍କ ନାମ | ପିତା/ମାତା/ ସ୍ୱାମୀଙ୍କ ନାମ | ପରିବାର ମୁଖ୍ୟଙ୍କ ସହ ସମ୍ପର୍କ | ବୟସ | ଲିଙ୍ଗ ପୁରୁଷ/ ସ୍ତ୍ରୀ | ଭୋଟର ପରିଚୟ ପତ୍ର ସଂଖ୍ୟା |
|---|---|---|---|---|---|---|
| ୧ | | | ନିଜ | | ପୁ./ସ୍ତ୍ରୀ. | O R |
| ୨ | | | | | ପୁ./ସ୍ତ୍ରୀ. | O R |
| ୩ | | | | | ପୁ./ସ୍ତ୍ରୀ. | O R |
| ୪ | | | | | ପୁ./ସ୍ତ୍ରୀ. | O R |
| ୫ | | | | | ପୁ./ସ୍ତ୍ରୀ. | O R |
| ୬ | | | | | ପୁ./ସ୍ତ୍ରୀ. | O R |

୨. ନିମ୍ନମତେ ପରିବାରର ଆବାସିକ ଠିକଣା ଦିଆଯାଇ ଅଛି :

ଘର ନଂ ________ ଷ୍ଟ୍ରିଟ୍‌ର ନାମ ________ ନଂ ________

ଅଞ୍ଚଳର ନାମ (ସାହି/ପଡ଼ା/ କଲୋନୀ) ________

୩. ବର୍ଗ - ତଫସିଲଭୁକ୍ତ ଜାତି ☐ ତଫସିଲଭୁକ୍ତ ଜନଜାତି ☐ ଅନ୍ୟାନ୍ୟ ☐

୪. ଇନ୍ଦିରାଆବାସ ଯୋଜନା / ଭୂସଂସ୍କାର କାର୍ଯ୍ୟକ୍ରମ ହିତାଧିକାରୀ କି ? .................. ହଁ /ନା

୫. ପ୍ରତ୍ୟେକ ଦରଖାସ୍ତକାରୀଙ୍କ ତିନିଗୋଟି ଫଟୋ ସଂଲଗ୍ନ କରାଯାଇଛି ।

୬. ବ୍ୟାଙ୍କ ଆକାଉଣ୍ଟ ଥିବା, ପରିବାର ମୁଖ୍ୟଙ୍କ ଆକାଉଣ୍ଟ ନମ୍ବର................. ବ୍ୟାଙ୍କର ନାମ ......................... ଶାଖା.............

୭. ମୁଁ ସ୍ୱୀକାର କରୁଅଛି ଯେ ଉପରୋକ୍ତ ତଥ୍ୟଗୁଡ଼ିକ ସତ୍ୟ ଅଟେ ।

ପରିବାରର ମୁଖ୍ୟ ତଥା ପ୍ରଥମ ଦରଖାସ୍ତକାରୀଙ୍କ ସ୍ୱାକ୍ଷର/ଟିପଚିହ୍ନ

ତାରିଖ : / /୨୦୦......

..................................................................................................................

ପ୍ରାଧିକୃତ ଗ୍ରାମ ପଞ୍ଚାୟତର ପଦାଧିକାରୀଙ୍କ ଦ୍ୱାରା ଦରଜ କରାଯିବ ।

ଜିଲ୍ଲା ________ କୋଡ ☐☐ ପଞ୍ଚାୟତ ସମିତି ________ କୋଡ ☐☐☐

ପଞ୍ଚାୟତ ________ କୋଡ ☐☐☐ ଗ୍ରାମ ________ କୋଡ ☐☐

ଏହି ଦରଖାସ୍ତ ଗ୍ରା.ପ.ର ରେଜିଷ୍ଟରରେ ପୃଷ୍ଠା..........ରେ କ୍ର.ସଂ ......................ରେ ତା. / /୨୦୦... ରିଖରେ ପଞ୍ଜୀକୃତ ହୋଇଛି ।

ସିଲ୍ — ନିର୍ବାହୀ ଅଧିକାରୀ/ ସମ୍ପାଦକଙ୍କ ନାମ ଓ ସ୍ୱାକ୍ଷର

ତାରିଖ : / /୨୦୦......

ଫର୍ମ ଖ -୧

ଓଡ଼ିଶା ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

# ଅଣକୁଶଳୀ କର୍ମନିଯୁକ୍ତି ନିମନ୍ତେ ଦରଖାସ୍ତ

ପ୍ରାପ୍ତେଷୁ

ନିର୍ବାହୀ ଅଧିକାରୀ /ସମ୍ପାଦକ

ଗ୍ରାମ ପଞ୍ଚାୟତ ____________________

ବ୍ଲକ ____________________ ଜିଲ୍ଲା ____________________ ଓଡ଼ିଶା

| ପରିବାରର ମୁଖ୍ୟଙ୍କ ନାମ | ପରିବାରର ପଞ୍ଜୀକରଣ ନମ୍ବର | | | | | |
|---|---|---|---|---|---|---|

| କ୍ର. ନଂ | ସଦସ୍ୟଙ୍କ ନାମ | ବ୍ୟକ୍ତିଗତ ନମ୍ବର | କେଉଁ ତାରିଖରୁ କାର୍ଯ୍ୟ ଚାହୁଁଛନ୍ତି (ଦିନ / ମାସ / ବର୍ଷ) | କେତେଦିନ ପାଇଁ କାର୍ଯ୍ୟ ଚାହୁଁଛନ୍ତି |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |
| ୬ | | | | |

ତାରିଖ : / /୨୦୦......

ପରିବାରର ମୁଖ୍ୟ ତଥା ପ୍ରଥମ ଦରଖାସ୍ତକାରୀଙ୍କ ସ୍ୱାକ୍ଷର/ଟିପଚିହ୍ନ

## ପ୍ରାଧିକୃତ ଗ୍ରାମ ପଞ୍ଚାୟତର ପଦାଧିକାରୀଙ୍କ ଦ୍ୱାରା ଦରଜ କରାଯିବ ।

ଜିଲ୍ଲା [ ] କୋଡ଼ [ ] ପଞ୍ଚାୟତ ସମିତି [ ] କୋଡ଼ [ ]

ପଞ୍ଚାୟତ [ ] କୋଡ଼ [ ] ଗ୍ରାମ [ ] କୋଡ଼ [ ]

କର୍ମନିଯୁକ୍ତି ଦରଖାସ୍ତ ପଞ୍ଚାୟତର ପଞ୍ଜୀକରଣ ରେଜିଷ୍ଟରରେ ପୃଷ୍ଠା........ରେ କ୍ରମିକ ସଂ .............................. ତା ....../......./୨୦୦..

ତାରିଖ : / /୨୦୦...... ସିଲ୍ ନିର୍ବାହୀ ଅଧିକାରୀ/ ସମ୍ପାଦକଙ୍କ ନାମ ଓ ସ୍ୱାକ୍ଷର

MSSRF/10/47

*Reflections on-*

**MAHATMA GANDHI NATIONAL RURAL EMPLOYMENT GUARANTEE SCHEME (MNREGS)**

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

## ଏକ ସଂକ୍ଷିପ୍ତ ସୂଚନାତ୍ମକ ପୁସ୍ତିକା

**Facilitation and Coordination :**
Mr. Prashant Kumar Parida

**Advisories :**
Dr. K.U.K.Nampoothiri
Mr. S. Senthil Kumaran

**Executive Support :**
Mr. Jaganath Naik
Mr. Satyanarayan Badatya
Mr. Bidyadhar Maharana


**Publisher :**
M S Swaminathan Research Foundation, Jeypore

**Cover Design :**
Mr. Sibaram Patra

**Printer:**
SAI Offset Printers, Jeypore

**Acknowledgement:**

- Govt. of India
- Govt. of Odisha
- CYSD-PRAYAS, Boipariguda
- Staff of MSSRF



Biju Patnaik Medicinal Plants Garden & Research Centre
M S Swaminathan Research Foundation, Jeypore

*Supported by*


Jamsetji Tata National Virtual Academy (NVA)
M S Swaminathan Research Foundation (MSSRF)

Third Cross Road, Taramani Institutional Area
Chennai - 600 113
Tel : +91-44-2254 1229, 2254 1698 Fax : +91-44-2254 1319
nva-coordinators@mssrf.res.in
nva-vrccoordinators@mssrf.res.in, www. mssrf.org

Biju Patnaik Medicinal Plants Garden & Research Centre
Phulabad (Mokaput), Jeypore (R/S) - 764 002
Koraput (Odisha)
Tel : +91-6854-231773, 212073 Fax : +91-6854-233856
mssrfjey@rediffmail.com, jeyporevrc@gmail.com